The Samaja, dt. 5.5.2017

## ସର୍ବଭାରତୀୟ ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ତାଲିକା

# ଆଇଆଇଟି ଭୁବନେଶ୍ୱର ୧୮ତମ ର୍ୟାଙ୍କକୁ ଉନ୍ନୀତ

ଭୁବନେଶ୍ୱର,୩।୪(ଭୁ.ପ୍ର): ୨୦୧୭ ବର୍ଷ ପାଇଁ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଦେଶର ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ତାଲିକା ଘୋଷଣା କରିଛନ୍ତି। ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ୍ ର୍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆରଏଫ୍) ଅନୁସାରେ ଆଇଆଇଟି,ଭୁବନେଶ୍ୱର ଦେଶର ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ତାଲିକାରେ ୧୮ତମ ସ୍ଥାନ ହାସଲ କରିଛି। ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମନୋନୟନ ଲାଗି ଏନ୍‌ଆଇଆରଏଫ୍ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ଅନୁସରଣ କରାଯାଇ ଥାଏ। ବିଶେଷକରି ଶିକ୍ଷାଦାନ ବ୍ୟବସ୍ଥା, ଶିକ୍ଷା ଗ୍ରହଣ, ସମ୍ବଳ, ଗବେଷଣା ଓ ବୃତ୍ତିଗତ ଅଭ୍ୟାସକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ ହୋଇଥାଏ। ଏହି ସଫଳତାକୁ ନେଇ ଆଇଆଇଟି, ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜାକୁମାର କହିଛନ୍ତି, ଗତବର୍ଷ ଆମ ଅନୁଷ୍ଠାନ ସର୍ବଭାରତୀୟ ତାଲିକାରେ ୨୬ତମ ସ୍ଥାନରେ ଥିବାବେଳେ ଆମର ନିଷ୍ଠାପର ଉଦ୍ୟମ ବଳରେ ଚଳିତ ବର୍ଷ ୧୮ତମ ସ୍ଥାନରେ ପହଞ୍ଚି ପାରିଛୁ। ସେହିପରି ୨୦୦୮ ପରେ ସ୍ଥାପିତ ହୋଇଥିବା ଶ୍ରେଷ୍ଠ ଆଇଆଇଟି ତାଲିକାରେ ଭୁବନେଶ୍ୱର ତୃତୀୟ ସ୍ଥାନ ଦଖଲ କରିପାରିଛି। ଏଠାରେ ଶିକ୍ଷା ପଦ୍ଧତି ଏବଂ ଗବେଷଣା ପ୍ରକ୍ରିୟାକୁ ଅଧିକ ଦକ୍ଷ କରିବା ଲାଗି ଆମେ ନିରନ୍ତର ପ୍ରୟାସ ଜାରି ରଖିଛୁ। ପରିଣାମସ୍ୱରୂପ ଆଜି ଆମେ ଏହି ସଫଳତା ପାଇଛୁ ବୋଲି ଡ. ରାଜାକୁମାର ପ୍ରତିକ୍ରିୟାରେ ଜଣାଇଛନ୍ତି।